ଅକ୍ଷର ଗୀତ

ଦାଶ ବେନହୁର

Digitized by srujanika@gmail.com

ଅକ୍ଷର ଗୀତ

ଦାଶ ବେନହୁର

ସନ୍ତୋଷ ପବ୍ଲିକେଶନ୍ସ
କାଞ୍ଚନ
ଗଜପତି ନଗର, ସୂତାହାଟ, କଟକ-୭୫୩୦୦୧

Digitized by srujanika@gmail.com

ଲେଖକ
ଦାଶ ବେନହୁର
କଥାକାର-୬ମ-୧୬୧, ଶୈଳଶ୍ରୀବିହାର,
ଭୁବନେଶ୍ୱର-୭୫୧୦୨୧

ପ୍ରକାଶକ
ସନ୍ତୋଷ ପବ୍ଲିକେଶନ୍ସ
କାଞ୍ଚନ
ଗଜପତି ନଗର, ସୂତାହାଟ, କଟକ-୭୫୩୦୦୧
ଟେଲିଫୋନ୍ : ୦୬୭୧-୨୪୨୫୬୭୦

ମୁଦ୍ରଣ
ଅନ୍ନପୂର୍ଣ୍ଣା ପ୍ରିଣ୍ଟର୍ସ
ଗୋସାଣିନୂଆଗାଁ, ବ୍ରହ୍ମପୁର-୭୬୦୦୦୩
ମୋବାଇଲ-୯୮୬୧୦୧୧୩୫୬

ପ୍ରଥମ ପ୍ରକାଶ
୨୦୧୨

ମୂଲ୍ୟ
ପଚାଶ ଟଙ୍କା

ISBN 978-81-86475-71-3

Digitized by srujanika@gmail.com

କଥା ପଦେ

ଅକ୍ଷର ଶିଖିଲେ ଜଣେ ସାକ୍ଷର ହୁଏ । ହେଲେ ଖାଲି ଅକ୍ଷର ଶିଖିଦେଲେ ସବୁ କଥା ପଢ଼ି ବୁଝିହୁଏ ନାହିଁ । ଅଧିକ ଜାଣିବାପାଇଁ ଆମକୁ ଆମ ଭାଷାରେ ଥିବା ଶବ୍ଦ ସବୁକୁ ଜାଣିବାକୁ ପଡ଼ିବ । ଏମିତି ଅନେକ ଶବ୍ଦ ଅଛି, ଯାହା ଆମେ କହିଲାବେଳେ କହୁନା, ହେଲେ ପଢ଼ିଲାବେଳେ ପଢ଼ୁ ।

ଏ " ଅକ୍ଷର ଗୀତ" ବହିରେ ଗୋଟିଏ ଗୋଟିଏ ଅକ୍ଷରରେ କେତେ କେତେ ଶବ୍ଦ ଦିଆଯାଇ ଗୀତ କରାଯାଇଛି । ଗୀତ ପଢ଼ୁ ପଢ଼ୁ, ଜଣେ କେମିତି ଅଧିକ ଶବ୍ଦ ଜାଣିବ, ସେଥିଲାଗି ବାଟ କରାଯାଇଛି ।

Digitized by srujanika@gmail.com

ଅକ୍ଷର ଶିଖି ସାରିଥିବା ପିଲାମାନଙ୍କ ପାଇଁ

ଏଥିରେ ଅଛି କେତେଗୁଡ଼ିଏ ଗୀତ । ସବୁ ଗୀତ ଗୋଟିଏ ଗୋଟିଏ ଅକ୍ଷରକୁ ନେଇ ଗଢ଼ା । ଗୀତଗୁଡ଼ିକର ପ୍ରତି ଧାଡ଼ି ଗୋଟିଏ ଅକ୍ଷରରୁ ଆରମ୍ଭ । ଏଇଭଳି 'ଅ' ଠାରୁ 'ଳ' ଯାଏଁ ପ୍ରତି ଅକ୍ଷରକୁ ନେଇ ଛୋଟ ଛୋଟ ଗୀତ ଲେଖାଯାଇଛି । ନୂଆ ଅକ୍ଷର ଶିଖୁଥିବା ପଢ଼ାମନଙ୍କୁ ଏହା ସାହାଯ୍ୟ କରିବ । କେଉଁଠି କେଉଁଠି ଗୀତ ଭିତରେ ଗୋଟେ ଦୁଇଟି ଅଜଣା ଶବ୍ଦ ବି ଅଛି । ତେଣୁ ତା'ର ମାନେ ସେଇ ପୃଷ୍ଠାରେ ତଳେ ଦିଆଯାଇଛି । ମୋର ଆଶା " ଅକ୍ଷର ଗୀତ" ବହିଟି ପଢ଼ିବାକୁ ବେଶ୍ ଭଲ ଲାଗିବ ।

ଦାଶ ବେନହୁର

Digitized by srujanika@gmail.com



ଅ

ଅରଟରଟ

ଅଷାଢୁଆ ବେଙ୍ଗ

କଅଟ କଟ

ଅବେଳେ ଆସିଲା ଝଡ଼,

ଅମାନିଆ ମେଘ

ଅଜାଡ଼ି ଦେଲା

ଅଜା ନାତି ସଡ଼ସଡ଼ ।

Digitized by srujanika@gmail.com

ଆ

ଆସିଲେ ରାଣୀ

ଆଲୁଅ ବିଛେଇ

ଢାଳିଲେ ପାଣି

ଆସରେ ଦେଖିବ କିଏ,

ଆଗରେ ରୋଶଣୀ

ପଛରେ ଢୋଲ

ଆକାଶେ ଯାତରା ଇଏ ।

Digitized by srujanika@gmail.com

ଇ

ଇଲିଶି ମାଛ
ଇଲିଶି ମାଛର
ଗାଲିସି ବାଛ
ଇଲିବିଲି ସରସର,
ଇଟା ଚୁଲି କାଠ
ଯୋଗାଡ଼ ସାରି,
ଇଲିଶି ବେସର କର ।

Digitized by srujanika@gmail.com



ଈ

ଈଷୀକା ଲଟି

ଈଶାନ କୋଣରେ

କିଏ କହଟି

ଈଷତ ଆଲୁଅ ଛାଇ,

ଈଷ ପରି ବେକ

ଭୂତ ନା ଫୁତ

ଈଶ୍ୱର ସୁମର ଭାଇ ।

ଈଷୀକା-ଗୋଟେ ଜାତିର ଘାସ

Digitized by srujanika@gmail.com

ଉ

ଉଦୁଉଦିଆ

ଉଡ଼ାଜାହାଜରେ

ବରକନିଆ

ଉଡ଼ି ଯାଉଥିଲେ ଥରେ,

ଉଠିଆସି କାହୁଁ

କାଳିଆ ମେଘ

ଉହାଡ଼ କରିଲା ଖରେ ।

Digitized by srujanika@gmail.com



ଉ

ଉଣା ଅଧିକ

ଉଣିଶି ପରକୁ

କୋଡ଼ିଏ ଶିଖ

ଉଖଳ ଖୁମୁକୁ ଖୁମୁ,

ଉଷର ଭୂଇଁରେ

ଧୂସର ଖରା

ଉର୍ମି ଅପା ଦୁମୁଦୁମୁ ।

ଉଖଳ-ଜିନିଷ ଛେଚିବାପାଇଁ
ଏକ ପ୍ରକାର ବଡ଼ ହେମଦସ୍ତା ।

Digitized by srujanika@gmail.com

ଋ

ଋଷି କୁମାର
ଋଷି କୁମାରଟି
ବଡ଼ ଗୁଣର
ଋତୁ ଏ ବରଷା କାଳ,
ଋଷି ଗଲେ ଚାଲି
ଦୂର ମୁଲକ,
ଋଷିକ ଧଇଲେ ଥାଳ ।

ଋଷିକ-ଋଷିଙ୍କର ପୁତ୍ର

Digitized by srujanika@gmail.com

ଏ

ଏକଘରିଆ

ଏକ ବୁଝା ହେଲା

ହରବରିଆ

ଏକଣା ମୁଣ୍ଡରେ ଘର,

ଏକଡ଼େ ଅନ୍ଧାର

ସେକଡ଼େ ଖାଲ

ଏକଲା ଲୋକକୁ ଡର ।

Digitized by srujanika@gmail.com

ଐ

ଐରାବତ

ଐରାବତକୁ

କର ଜବତ

ଐରାବତୀ ଚାଲେ ଥିରି,

ଐକାର ପରି

ଅଂକୁଶ ଦେଖି

ଐରାବଣ ବିରିବିରି ।

ଐରାବଣ-ଐରାବତର ଆଉ ଏକ ନାମ

Digitized by srujanika@gmail.com



ଓ

ଓଷା ଉପାସ

ଓଦା ସରସର

ବଡ଼ ହତାଶ

ଓଖର ଟୋପିଏ ପାଇଁ,

ଓଷେଇତୀ ସବୁ

ବଡ଼ ବିକଳ

ଓତା ନନା ଯାଏ ଧାଇଁ ।

ଓଖର-ଦୁଧ

Digitized by srujanika@gmail.com



ଔ

ଔଧଡିଆ

ଔଧଡିଆଟା

ଉତୁପାତିଆ

ଔଷଧ ଫୋପାଡ଼ି ଫାନ୍ଦେ,

ଔରସୀ ରୋଗ

ବୋଲିକା କହି

ଔରତ ପରିକା କାନ୍ଦେ ।

ଔରସୀ-ବାପା ମାଆଙ୍କ ସହ ଯୋଡ଼ା ପୁରୁଣା ରୋଗ

Digitized by srujanika@gmail.com



କ

କଅସମସ

କମ୍ବଳ ଘୋଡ଼େଇ

ଖଟରେ ବସ

କଳା ଭାଲୁ କବିରାଜ,

କନ୍ଦା ଚେରମୂଳ

ପାଚନ ପଥି

କହିବାକୁ ବଡ଼ ଲାଜ ।

Digitized by srujanika@gmail.com

ଖ

ଖରଡ଼ାପଣି
ଖରଚ ଚଳିଚି
ନ ହୁଏ ଗଣି
ଖଜଣା କାହିଁରେ କେତେ,
ଖଇରାତ ହୁଏ
ଗରିବ ଧନ
ଖଟି ଖଟି ଦିନ ବିତେ ।

ଖରଡ଼ାପଣି-ପୁରୁଣା କାଳରେ ଚାଲୁଥିବା
ଏକ ଜାତିର ଟିକସ

Digitized by srujanika@gmail.com

ଗ

ଗହୀର ବିଲ

ଗଛରେ ବସିଛି

ମାଟିଆ ଚିଲ

ଗଡ଼ିଗଡ଼ି ଯାଏ ବେଲ,

ଗଡ଼ିଆ ପାଣିରେ

ଭରତି ଦଲ

ଗଡ଼ିଶା ଖେଳୁଛି ଖେଳ ।

Digitized by srujanika@gmail.com



ଘ

ଘରଚଟିଆ
ଘର କରିଥିଲା
ମନ ମୋଟିଆ
ଘର ଚାରିଆଡ଼ ମେଲା,
ମେଘ ଘଡ଼ଘଡ଼ି
ସୁଆତି ଆସି
ଘଡ଼ିକେ ଉଡ଼ାଇ ନେଲା ।

Digitized by srujanika@gmail.com



ଙ

'ଙ' ଅକ୍ଷର

'ଙ' ନ ଶିଖିଲେ

କିଏ ସାକ୍ଷର

'ଙ', 'ଘ' ପଛଆଗ,

'ଙ'ର ପଛରେ

ଲାଗିଚି ପେଣ୍ଟୁ

'ଙ' ଟି ଶିଖିବା ବାଗ ।

Digitized by srujanika@gmail.com

ଚ

ଚଟପଟିଆ

ଚଉପାଢ଼ି ବସେ

ରାତି ଅଧିଆ

ଚଇନନା ରାନ୍ଧେ ଖାନା,

ଚଉପଦୀ ସାଙ୍ଗେ

ସିନେମା ଗୀତ

ଚପାକସ ଚାଲେ ଗାନା ।

Digitized by srujanika@gmail.com

ଛ

ଛଇଛଟକ

ଛତା ନାଇଁ ଯଦି

ଥାଆ ଅଟକ

ଛକ ଆରପଟେ ଘର,

ଛପର ଛପର

ଗଳୁଛି ପାଣି

ଛବିନାନୀ ହରବର ।

Digitized by srujanika@gmail.com

ଜ

ଜଳଭଉଁରି

ଜରି ମୁକୁଟକୁ

ପାଟ ଚଉଁରୀ

ଜହକଇ ବରବେଶ,

ଜକ ଜକ ଦିଶେ

ଝାଲୁଆ ମୁହଁ

ଜମାଣିଆ କଳା କେଶ ।

ଜହକଇ - ଚକ୍‌ଚକ୍ କରେ

Digitized by srujanika@gmail.com



ଝ

ଝଟଝଟିଆ

ଝଡ଼ ଗୋଟେ ବଡ଼

ନଟଖଟିଆ

ଝଲସାଏ ବାଆ ବେଗ,

ଝପଟେ ପବନ

ଝପଟେ ପାଣି

ଝକମକି ମାରେ ମେଘ ।

Digitized by srujanika@gmail.com



ଞ

'ଞ' ଚ ଅଂଚ
'ଞ' କି ଗୋଟାଏ
ଅକ୍ଷର ଗଛ,
'ଞ' ଦିଶେ ମଜାଦାର,
'ଞ'ରେ ରହିଚି
ଦୁଇଟା 'ଓ'
'ଞ' ଦି' ମହଲା ଘର ।

Digitized by srujanika@gmail.com



ଟ

ଟପଟପର

ଟଣଟଣ ଚାଲି

ବୁଢ଼ା ଜୋକର

ଟମକ ବଜେଇ ଗାଏ,

ଟନ୍‌ଛନ୍‌ ବେଶେ

ପହରା ଦିଏ,

ଟହଟହ ହସୁଥାଏ ।

Digitized by srujanika@gmail.com



ଠ

ଠସଠସକା
ଠରାଠରି କଥା
ପାଣିରେ ପକା
ଠଣାରେ ଆଚାର ବଣା,
ଠସା କଥା କହି
ଠୁକୁରି ନାନୀ
ଠକିନେଲା ପୋଷେ ଚଣା ।

ଠସା କଥା-ମଜା କଥା

Digitized by srujanika@gmail.com



ଡ

ଡବରଡବ

ଡବାରେ ମାଲପା

ଟବରଟବ

ଡଙ୍ଗା ଚାଲେ ଥର ଥର,

ଡବାଲି ହେଉଛି

ଡବାରେ ତେଲ

ଡଙ୍କିରେ ବାହାର କର ।

ମାଲପା-ତେଲ

Digitized by srujanika@gmail.com



ଢ

ଢପଚିକଣା

ଢକଢକପିଏ

ଖାରିଆ ପଣା

ଢମକୁହାପଣେ ବଡ଼,

ଢଙ୍କପାଣି କ୍ଷୀର

ଚାମଚେ ପିଇ

ଢକାରେ ଭଅଡ଼ଭଡ଼ ।

Digitized by srujanika@gmail.com



ଣ

ଣଅକଣକ,
'ଣ' ଖାଇଗଲା
ତିଅଣ ଟକ
'ଣ'ଟି ନ ଥିଲେ ସତେ,
'ଣ'ର ମୁଣାରୁ
କାହାଣୀ କାଢ଼ି
'ଣ' କି ଦିଅନ୍ତା ମତେ ।

Digitized by srujanika@gmail.com



ଡ

ଡକିଆଡକି

ଡଇଲାରେ ବାଘ

ବସିଲା ଛକି

ଡଳପଟେ ଛେଳି ଯାଏ,

ଡରକି ଯାଇ ସେ

ମାରିଲା ଖେପା

ଡଡ଼ିଲେ ଆଉ କେ ପାଏ ।

Digitized by srujanika@gmail.com

ଥ

ଥରକୁଥର

ଥରଥର କରି

ବିଚାର କର

ଥମି ଯାଅ ନାହିଁ ତିଳେ;

ଥୟ କରି ଯିଏ

କରଇ କାମ

ଥଳକୂଳ ତାକୁ ମିଳେ ।

Digitized by srujanika@gmail.com

ଦ

ଦରମାଖିଆ
ଦରଦର ହସ
ଦି ଓଳି ଖିଆ
ଦକଦକେ ଦିନ ଯାଏ,
ଦପ୍ତର ବୋଲି
ଯାହାକୁ କହେ
ଦରମା ସେଇଠୁ ପାଏ ।

Digitized by srujanika@gmail.com



ଧ

ଧକଧକଡ଼

ଧଡ଼ିଆ ଦେହକୁ

ମୁହଁ ଫକଡ଼,

ଧରିଥାଏ ଫଟାମୁଣି;

ଧନ୍ଦା ଫନ୍ଦା ନାହିଁ

ଫକଡ଼ରାମ

ଧନ ପାଇଁ କରେ ଗୁଣି ।

Digitized by srujanika@gmail.com



ନ

ନଈ ମୁହାଣ
ନକ୍‌ସା ପକେଇ
ଦଉଡ଼ି ଟାଣ
ନଇଁଆସେ ଶୀତ ରାତି,
ନଳବଣେ ପଶି
ପହଁରେ ମାଛ
ନସର ପସର ହାତୀ ।

Digitized by srujanika@gmail.com



ପ

ପତରପାଣି

ପଖାଳ ଶୁଖୁଆ

ବାସି ତୋରାଣି

ପତରପୋଡ଼ାକୁ ଭଜା,

ପତୁଲି ଭରତି

ମୁଗ ପଇତି

ପଙ୍ଗତ ବଢ଼ିଆ ମଜା ।

Digitized by srujanika@gmail.com

ଫ

ଫଗୁଣ ଜାତ

ଫଗୁଖେଳ ସାଥେ

ଗୋଲଗମାତ

ଫଡ଼ିକାର ହାତେ ବେତ,

ଫଗୁ ସରସର

ସବୁରି ମୁହଁ

ଫରଫର ଉଡ଼େ ନେତ ।

ଫଡ଼ିକାର-ଖଣ୍ଡାଖେଳ ଦେଖାଇବା ଲୋକ

Digitized by srujanika@gmail.com

ବ

ବଘରାଡାଲି
ବଟା ବେସରକୁ
ଭାକୁର ଗାଲି
ବଢ଼ାଭାତ ଗୁଆଘିଅ,
ବଇଦାଭାଇନା
ଛାଡୁଚି ଡାକ
ବଡ଼ିଭଜା ଯୋଡ଼େ ଦିଅ ।

Digitized by srujanika@gmail.com

ଭ

ଭଜନମାଳା
ଭକତି ଭାବରେ
ଗାଉଛି ବାଳା
ଭଣିତା କରିଛି ଧାଡ଼ି,
ଭଜନ ଗାଉଛି
ବଡ଼ ପାଟିରେ
ଭୟ ଯିବ ବୋଲି ଛାଡ଼ି ।

Digitized by srujanika@gmail.com

ମ

ମଉଡ଼ମଣି

ମନଫୁଲାଣିଆ

କଥାର ଖଣି

ମଜାମଉଜରେ ମନ,

ମଣୋହି ପହଡ଼

ଅଳସପଣେ

ମଜୁରା ହୁଅଇ ଧନ ।

ମଜୁରା-ଋଣ ଭରଣା କରିବା

Digitized by srujanika@gmail.com

ଯ

ଯଚେଇଯଚା,
ଯଚାମଗା ସବୁ
ଅବଛା ବଛା
ଯଥାତଥା ଯାହା ପାଏ,
ଯତୀ ବେଶ ହୋଇ
କାଟଇ ଦିନ
ଯଜମାନି କରି ଖାଏ ।

Digitized by srujanika@gmail.com



ର

ରଙ୍ଗରଙ୍ଗିଆ
ରତରତବେଲ
ଚଙ୍ଗଚଙ୍ଗିଆ
ରସିକେ ଗଲେଣି ଜୁଟି,
ରଙ୍ଗରହସିଆ
ଲାଗିଛି ପାଲା
ରଜ ଲାଗି ଆଜି ଛୁଟି ।

Digitized by srujanika@gmail.com



ଳ

‘ଳ’ଟି ଶିଖ

‘ଳ’ ଶିଖିଗଲେ

ଗୟଲ ଲେଖ

‘ଳ’ ନୁହେଁ ଭାଇ ‘ଲ’,

‘ଳ’ ଅକ୍ଷରର

ନାହିଁରେ ଲାଞ୍ଜ

‘ଳ’ ପରେ ପରେ ୱ ।

Digitized by srujanika@gmail.com



ଔ

'ଔ'ରେ 'ଔ'

'ଔ' ପରି କିଏ

ଅଛିରେ କହ,

'ଔ' ପରେ ପରେ 'ଶ',

'ଔ'ର ଆଗରେ

'ଲ' ଅକ୍ଷର ।

ଔ ପଛେ ତିନି 'ସ' ।

Digitized by srujanika@gmail.com



ଶ

ଶରତକାଲ
ଶଜନାଗଛର
ନହକା ଡାଳ
ଶଗଡ଼ ଯାଉଛି ଗଡ଼ି,
ଶଗଡ଼ିଆ ଭାଇ
ଥିଇରି ଚଳା
ଶଙ୍ଖା ବୋଝ ଯିବ ପଡ଼ି ।

Digitized by srujanika@gmail.com

ଷ

ଷଡ଼ଙ୍ଗୀ ବାବୁ
ଷଣ୍ଢକୁ କହନ୍ତି
କରିବି କାବୁ
ଷଣ୍ଢମାର୍କା ତାଙ୍କ ଚାଲି,
ଷଠୀଘର ଛୁଟି
ମାଗିଲେ ସିନା
ଷଠୀଓଷା ଥିଲା କାଲି ।

Digitized by srujanika@gmail.com



ସ

ସଦାବିହାରୀ
ସଜଫୁଟା ଫୁଲ
କି ମନୋହାରୀ
ସକାଳେ ସକାଳେ ଆଣି,
ସଜାଡ଼ି ରଖିବ
ଯତନ କରି
ସଅଳ ସିଞ୍ଚିବ ପାଣି ।

Digitized by srujanika@gmail.com



ଘ

ହନୁମାଙ୍କଡ଼

ହଟଚମଟିଆ

ବଡ଼ ଖେଚଡ଼

ହଟାରି ଦେଖିଲେ ବାଟେ,

ହଇରାଣ କରି

ଓଟାରେ ସିନା

ହଡ଼ବଡ଼ ନିଜେ ହାଟେ ।

Digitized by srujanika@gmail.com



କ୍ଷ

କ୍ଷମାସାଗର
କ୍ଷଣେ ନାହିଁ ରାଗ
ରୋଷ ମାତର
କ୍ଷମାଗୁଣେ ବଡ଼ ଯିଏ,
କ୍ଷମି ପାରଇ ସେ
ସବୁ ଦୋଷକୁ
'କ୍ଷମାକର' ଏକା ସିଏ ।

Digitized by srujanika@gmail.com



ୟ

'ୟ' ଅକ୍ଷର

'ୟ' ଆଉ 'ଯ'

ଗୋଟେ ପକ୍ଷର

'ୟ', 'ଯ', ଦୁଇଭାଇ,

'ୟ'ରେ ଲାଗିଛି

ଫାଁସିଆ ଗୋଡ଼

'ୟ' ଏବେ ଶିଖ ଯାଇ ।

Digitized by srujanika@gmail.com



ଲ

ଲଣ୍ଡାଦେଉଳ
ଲଟା ସଲବଲ
ନ ଦିଶେ ଚୂଳ
ଲଟେଇ ହେଇଛି ସିଏ,
ଲଣ୍ଠି ସରସର
ଚେମେଣି ଗନ୍ଧ
ଲଟି ପାଲଟିଛି ଦିଅଁ ।

Digitized by srujanika@gmail.com



ଂ ଃ ଁ

ପାଚିଲା କେନ୍ଦୁ,
ଅନୁସୁଆରକୁ
ଚନ୍ଦର ବିନ୍ଦୁ
ବିସରଗ ତହିଁ ଯୋଡ଼ା,
ଯେତେ ଅଛି ଭାଇ
ଅକ୍ଷର ଗୀତ
ଶିଖିଲେ ଚଢ଼ିବ ଘୋଡ଼ା ।

Digitized by srujanika@gmail.com

''**ଅକ୍ଷର ଗୀତ**'' ରେ ଆମ ବର୍ଣ୍ଣମାଳାର ସବୁ ଅକ୍ଷରକୁ ନେଇ ଗୋଟିଏ ଗୋଟିଏ ପଦିକିଆ କବିତା ଲେଖାଯାଇଛି । ଅକ୍ଷର ଶିଖିଥିବା ପିଲାମାନେ ଏ ବହି ପଢ଼ିଲେ ଗୀତର ମଜା ସହିତ ଶବ୍ଦ ଓ ଭାବର ମଜା ମଧ୍ୟ ପାଇବେ ।

ଦାଶ ବେନହୁର, ଓଡ଼ିଆ ସାହିତ୍ୟର ଏକ ଜଣାଶୁଣା ନାମ । ଶିଶୁ-କିଶୋର ମାନଙ୍କ ପାଇଁ ଲିଖିତ ତାଙ୍କର ପ୍ରତିଟି ସୃଷ୍ଟିରେ ଉଭୟ ଆନନ୍ଦ ଓ ଆଲୋକର ସମ୍ମିଶ୍ରଣ ବେଶ୍ ମନଛୁଆଁ । ବାଳୁତ ଜୀବନର ବିସ୍ତାରିତ ସବୁଜ ଇଲାକାରେ ଉଙ୍କିମାରୁଥିବା ଅସୁମାରି ପ୍ରଶ୍ନ ହିଁ ତାଙ୍କ ଲେଖକୀୟ ବାସ୍ତବତାକୁ ପ୍ରେରଣା ପ୍ରଦାନ କରେ ।

ସାଂପ୍ରତିକ ଠିକଣାଃ
''କଥାକାର'', ୬ମ-୧୬୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧

ଝାଞ୍ଜନ, ଗଜପତି ନଗର,
ସୁତାହାଟ, କଟକ-୭୫୩୦୦୧

ISBN 978-81-86475-71-3

Digitized by srujanika@gmail.com